## ଶ୍ମଶାନ ପାଇଁ ଜାଗା ଦାବି

ଟିକିରି: ବାହାର ଜିଲାରୁ ଆସି ରାୟଗଡ଼ା ଜିଲା କାଶୀପୁର ବ୍ଲକ୍ ଟିକିରିଠାରେ ଅନେକ ଲୋକ ବ୍ୟବସାୟ କରୁଛନ୍ତି। ସେମାନେ ଏଠାରେ ସ୍ଥାୟୀ ବସବାସ ମଧ୍ୟ କରୁଛନ୍ତି। ହେଲେ ସେମାନଙ୍କ ମୃତ୍ୟୁ ଘଟିଲେ ଶ୍ମଶାନରେ ସତ୍କାର କିମ୍ବା କବର ଦେବା ପାଇଁ ଜାଗା ମିଳୁ ନ ଥିବା କେତେଜଣ ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଶ୍ମଶାନ ପାଇଁ ସରକାରୀ ଜମି ଯୋଗାଇଦେବା ନିମନ୍ତେ ସେମାନେ ବିଧାୟକ ମକରନ୍ଦ ମୁଦୁଲିଙ୍କୁ ଭେଟି ଅନୁରୋଧ କରିଛନ୍ତି। ଏ ନେଇ ରାୟଗଡ଼ା ଜିଲାପାଳ, କାଶୀପୁର ତହସିଲଦାରଙ୍କୁ ମଧ୍ୟ ଜଣାଇଥିବା ଅଲେଖ ଦୋରା, ପଞ୍ଚାନନ ପଣ୍ଡା, ପବିତ୍ର ପାଣିଗ୍ରାହୀ, ପ୍ରଭାତ ସାହୁ ପ୍ରମୁଖ କହିଛନ୍ତି।

## ସଂକ୍ଷେପରେ

### ରାୟଗଡ଼ା ଜିଲାରୁ ୪୫ ନୂଆ ପଜିଟିଭ

ରାୟଗଡ଼ା ଅଫିସ/ଗୁଣପୁର, ୩୦।୭ (ଡି.ଏନ୍.ଏ.): ରାୟଗଡ଼ା ଜିଲାରେ କରୋନା ସଂକ୍ରମିତଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ବିଶେଷକରି କରୋନା ଯୋଦ୍ଧାଙ୍କ ସଂକ୍ରମିତ ସଂଖ୍ୟା ବୃଦ୍ଧି ପାଉଛି। ଜିଲାରୁ ଆଉ ୪୫ ପଜିଟିଭ ଚିହ୍ନଟ ହୋଇଥିବା ଗୁରୁବାର ପ୍ରଶାସନ ପକ୍ଷରୁ ସୂଚନା ମିଳିଛି। ଏହାକୁ ମିଶାଇ ଜିଲାରେ ମୋଟ ପଜିଟିଭ ସଂଖ୍ୟା ୬୯୩ରେ ପହଞ୍ଚିଛି। ସେହିପରି ଇତିମଧ୍ୟରେ ୭ଜଣଙ୍କ ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ନୂତନ ୪୫ ପଜିଟିଭ ମଧ୍ୟରେ ଗୁଣପୁର ସହରରୁ ୧୭ ଜଣ, ଗୁଣପୁର ଗ୍ରାମାଞ୍ଚଳରୁ ୨, ରାୟଗଡ଼ା ସହରରୁ ୨୨, ଗ୍ରାମାଞ୍ଚଳରୁ ୪ ଜଣ ରହିଛନ୍ତି। ସେହିପରି ସଂକ୍ରମିତଙ୍କ ମଧ୍ୟରେ ୧୬ କୋଭିଡ୍ ଯୋଦ୍ଧା ରହିଛନ୍ତି। ଗ୍ରାମାଞ୍ଚଳ ଅପେକ୍ଷା ସହରାଞ୍ଚଳରେ ସଂକ୍ରମିତଙ୍କ ସଂଖ୍ୟା ବଢ଼ୁଥିବା ଜିଲାପାଳ ପ୍ରମୋଦ କୁମାର ବେହେରା ସୂଚନା ଦେଇ କହିଛନ୍ତି। ଗୁଣପୁର ସହରସ୍ଥିତ କୁମୁଟିସାହି, କାଞ୍ଚସାହି, ଏଚ୍‌ଡିଏଫ୍‌ସି ବ୍ୟାଙ୍କ ସମ୍ମୁଖ ଅଞ୍ଚଳ, ଜଗନ୍ନାଥ କଲୋନି, ରାମଚନ୍ଦ୍ରପୁର ସାହି, ବାଙ୍କିଟିସାହି, ଏସ୍‌ପିଗୁଡ଼ା, ପୁରୁଣା ଗୁଣପୁର, କତୁରୁ, ନୂଆ ବସ୍‌ଷ୍ଟାଣ୍ଡ ଏବଂ ବଜାଜ ଫାଇନାନ୍ସ ନିକଟ ଅଞ୍ଚଳରୁ ସଂକ୍ରମିତ ଚିହ୍ନଟ ହୋଇଥିବା ଜଣାପଡ଼ିଛି। ଏଥିସହ ଗୁଣପୁର ସହରାଞ୍ଚଳରେ ସଂକ୍ରମିତଙ୍କ ସଂଖ୍ୟା ୧୧୬ରେ ପହଞ୍ଚିଛି।

### କୋରାପୁଟ ଜିଲା ବିଜେଡିର କେନ୍ଦ୍ରୀୟ ଜୋନାଲ କମିଟି ଗଠିତ

କୋରାପୁଟ,୩୦।୭(ସ୍ୱ.ପ୍ର.) - କୋରାପୁଟ ଜିଲାର ୪ଟି ପୌରାଞ୍ଚଳ ଓ ୨୯ଟି ଜିଲା ପରିଷଦ ଜୋନର ଜୋନ କମିଟି ଗଠନ ଓ ସାଙ୍ଗଠନିକ ସମସ୍ୟାର ସମାଧାନ ପାଇଁ ବିଜେଡିର କେନ୍ଦ୍ରୀୟ ଜୋନାଲ କମିଟି ଗଠନ କରାଯାଇଛି। ଜିଲା ସଭାପତି ଈଶ୍ୱର ପାଣିଗ୍ରାହୀ କୋରାପୁଟ ଓ ଜୟପୁର ସବଡିଭିଜନ ପାଇଁ ୨ଟି କେନ୍ଦ୍ରୀୟ କମିଟି ଗଠନ କରିଛନ୍ତି। ଆସନ୍ତା ୧୦ ଦିନ ମଧ୍ୟରେ ଏହି କମିଟି ଜିଲାର ସମସ୍ତ ୨୯ଟି ଜିଲା ପରିଷଦ ଜୋନରେ ଜୋନ କମିଟି ଗଠନ କରି ଚୂଡ଼ାନ୍ତ ତାଲିକା ପ୍ରଦାନ କରିବ। ଏଥିସହ ପ୍ରତି ପୌରାଞ୍ଚଳରେ ୭ଟି ଲେଖାଏ ଜୋନ ଓ କୋଟପାଡ ଏନଏସିର ୨ଟି ଜୋନ କମିଟି ଗଠନ କରାଯିବ। ଏହି ଜୋନ କମିଟିରେ ୧୦ ଜଣ ଲେଖାଏ ସଦସ୍ୟ ରହିବେ। କମିଟିରେ ବରିଷ୍ଠ ନେତାଙ୍କ ସହ ଯୁବ ଛାତ୍ର ଓ ମହିଳା ସଙ୍ଗଠନର ପ୍ରତିନିଧିତ୍ୱ ରହିବ। କୋରାପୁଟ ସବ୍‌ଡିଭିଜନ ପାଇଁ ହୋଇଥିବା କେନ୍ଦ୍ରୀୟ କମିଟି ଅଧୀନରେ କୋରାପୁଟ ସମେତ ପଟ୍ଟାଙ୍ଗି ଓ ଲକ୍ଷ୍ମୀପୁର ବିଧାନସଭା ନିର୍ବାଚନମଣ୍ଡଳୀ ରହିବ। ସେହିପରି ଜୟପୁର ସବଡିଭିଜନ ପାଇଁ ହୋଇଥିବା କମିଟି ଅଧୀନରେ ଜୟପୁର ଓ କୋଟପାଡ ନିର୍ବାଚନମଣ୍ଡଳୀ ସହ ବୈପାରିଗୁଡା ବ୍ଲକ ରହିବ। କୋରାପୁଟ କେନ୍ଦ୍ରୀୟ ଜୋନାଲ କମିଟିରେ ଦଳର ବରିଷ୍ଠ ନେତା ଉତ୍କଳ ରଞ୍ଜନ ନାୟକ, ଗୋପାଳକୃଷ୍ଣ ବେବର୍ତ୍ତା, ଅମିତ ଅଗ୍ରୱାଲ. ଅନନ୍ତରାମ ମାଟାମ, ନାରାୟଣ ବିଷୋୟୀ, ଭଗବାନ ପେଣ୍ଡିଆ, ଧନଞ୍ଜୟ ନାୟକ ଓ ପାରଦା କୁଲୁସିକା ରହିବେ। ସେହିପରି ଜୟପୁର କେନ୍ଦ୍ରୀୟ ଜୋନାଲ କମିଟିରେ ରମାକାନ୍ତ ରାଉଳ, ସୂର୍ଯ୍ୟ ନାରାୟଣ ରଥ, ତ୍ରିପତି ମହାନ୍ତି, ସାଥୀରାମ ନାୟକ,ରଘୁରାମ ମାଛ, କୁନି ଅଧିକାରୀ, ନରେନ୍ଦ୍ର ବିଶୋୟୀ ଓ ରାଧା ଭଞ୍ଜ ସଦସ୍ୟ ରହିବେ ବୋଲି ଗୁରୁବାର ଜିଲା ସଭାପତି ପାଣିଗ୍ରାହୀ ସୂଚନା ଦେଇଛନ୍ତି।

### ମନେପଡ଼ିଲେ ପଣ୍ଡିତ ଗୋଦାବରୀଶ

ଜୟପୁର,୩୦।୭(ଡି.ଏନ୍.ଏ.)-କୋରାପୁଟ ଜିଲା ଜୟପୁର ମାଦଳାସାହିସ୍ଥିତ ଗୋଦାବରୀଶ ପାଠାଗାରରେ ପଣ୍ଡିତ ଗୋଦାବରୀଶ ମିଶ୍ରଙ୍କ ଶ୍ରାଦ୍ଧଦିବସ ବୁଧବାର ପାଳନ କରାଯାଇଛି। ପାଠାଗାର ବରିଷ୍ଠ ସଦସ୍ୟ ହରିହର କରସୁଧା ପଟ୍ଟନାୟକଙ୍କ ଆହ୍ୱାନରେ ଜିଲା ସଭାପତି ମଦନ ମୋହନ ନାୟକଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ହୋଇଥିଲା।

# ଔଷଧ ଦୋକାନ ସିଲ୍ ପ୍ରତିବାଦରେ ଉତ୍ତେଜନା

■ପ୍ରଶାସନିକ ଅଧିକାରୀଙ୍କୁ ଘେରିଲେ ଲୋକେ
■ଖୋଲିଲା ଔଷଧ ଦୋକାନ, ଡାକ୍ତର ନିଯୁକ୍ତି ପ୍ରତିଶ୍ରୁତି

ପାଟପୁର,୩୦।୭

ସାନଖେମୁଣ୍ଡି ବ୍ଲକ କଙ୍କୋରଡା ଗ୍ରାମରେ ପଜିଟିଭ ଚିହ୍ନଟ ପରେ ଗ୍ରାମରେ ଥିବା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ନିକଟ ଔଷଧ ଦୋକାନ ଗୁଡ଼ିକୁ ରବିବାର ସିଲ୍ କରାଯାଇଥିଲା। ଗୁରୁବାର ସକାଳେ ତହସିଲ ପ୍ରଶାସନ କଙ୍କୋରଡା ଗ୍ରାମରେ ପହଞ୍ଚି ଶଟ୍‌ଡାଉନ ସ୍ଥିତି ଅନୁଧ୍ୟାନ କରୁଥିବାବେଳେ ଗ୍ରାମବାସୀ ଘେରାଉ କରି ହୋହଲ୍ଲା କରିଥିଲେ। ସାନଖେମୁଣ୍ଡି ତହସିଲଦାର ଓ ପୋଲିସ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିବା ସହ ସିଲ୍ ହୋଇଥିବା ଔଷଧ ଦୋକାନ ଖୋଲିବା ପରେ ପରିସ୍ଥିତି ଶାନ୍ତ ପଡିଥିଲା।

ପ୍ରକାଶ ଯେ, କଙ୍କୋରଡା ଗ୍ରାମରୁ ୫୦ରୁ ଊର୍ଦ୍ଧ୍ୱ ପଜିଟିଭ ଚିହ୍ନଟ ହୋଇଥିବାବେଳେ ଜଣଙ୍କ ମୃତ୍ୟୁ ଘଟିଛି। ଗ୍ରାମକୁ କଣ୍ଟେନ୍‌ମେଣ୍ଟ ଜୋନ୍ ଘୋଷଣା କରାଯାଇଛି। କଙ୍କୋରଡା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାୟ ୩ ବର୍ଷ ହେଲା ଡାକ୍ତର ନାହାନ୍ତି। ଏହା ଉପରେ ନିର୍ଭର କରୁଥିବା କଙ୍କୋରଡା, କଉଡିଆ, ଲେଙ୍କାଖାଲି, ଗମ୍ଭାରୀଗୁଡା ଗ୍ରାମବାସୀ ନାହିଁ ନ ଥିବା ହଇରାଣ ହେଉଛନ୍ତି। ଚାଷ କାମ ଚାଲିଥିବାରୁ ବହୁ ଲୋକେ ଥଣ୍ଡା ଜ୍ୱରରେ ଆକ୍ରାନ୍ତ ହେଉଛନ୍ତି। ତେଣୁ ସ୍ୱାସ୍ଥ୍ୟକେନ୍ଦ୍ର ନିକଟ ଔଷଧ ଦୋକାନରେ ଭିଡ ଜମାଉଛନ୍ତି। ସାମାଜିକ ଦୂରତା ରହୁ ନ ଥିବାରୁ ତହସିଲ ପ୍ରଶାସନ ରବିବାର ଉକ୍ତ ଔଷଧ ଦୋକାନ ଗୁଡ଼ିକୁ ସିଲ୍ କରିଥିଲା। ଫଳରେ ଗ୍ରାମବାସୀ ବାଧହୋଇ ନିକଟସ୍ଥ ଗ୍ରାମରେ ଥିବା ଔଷଧ ଦୋକାନକୁ ଯାଉଛନ୍ତି। କିନ୍ତୁ ସେମାନେ କଙ୍କୋରଡା ଲୋକେ ଜାଣିଲେ ଔଷଧ ଦେବାକୁ ମନା କରିଦେଉଛନ୍ତି। ଗୁରୁବାର ସକାଳ ପ୍ରାୟ ୯ ଟାରେ କୋଭିଡ୍ ଡ୍ୟୁଟିରେ ଥିବା ଅଧିକାରୀ ଗ୍ରାମକୁ ଯାଇଥିବାବେଳେ ଗ୍ରାମବାସୀ ଗାଡିକୁ ଅଟକାଇଥିଲେ। ସାନଖେମୁଣ୍ଡି ତହସିଲଦାର ଅମିତ କୁମାର ନାୟକ ପହଞ୍ଚି ସେମାନଙ୍କୁ ବୁଝାଶୁଝା କରିବା ସହ ସିଲ୍ ହୋଇଥିବା ଔଷଧ ଦୋକାନ ଖୋଲାଯାଇଥିଲା। ଆସନ୍ତା ୫ ଦିନ ମଧ୍ୟରେ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ନିଯୁକ୍ତି ପାଇଁ ମଧ୍ୟ ପ୍ରତିଶ୍ରୁତି ଦେଇଥିଲେ।



ଲୋକଙ୍କୁ ବୁଝାଶୁଝା କରୁଛନ୍ତି ତହସିଲଦାର।

# ସ୍କଚ୍ ଆୱାର୍ଡରେ ନବରଙ୍ଗପୁରକୁ ରୌପ୍ୟ

ନବରଙ୍ଗପୁର,୩୦।୭(ବି.ପ୍ର.)




ନବରଙ୍ଗପୁରକୁ ମିଳିଥିବା ଆୱାର୍ଡ।

ସର୍ବଭାରତୀୟସ୍ତରରେ ଅନୁଷ୍ଠିତ ୬୬ତମ ସ୍କଚ୍ ଆୱାର୍ଡରେ ଗୁରୁବାର ନବରଙ୍ଗପୁର ଜିଲା ରୌପ୍ୟ ପଦକ ହାସଲ କରିଛି। ଏ ନେଇ ଜିଲାପାଳ ଅଜିତ କୁମାର ମିଶ୍ର ସୂଚନା ଦେଇଛନ୍ତି। କୋଭିଡ-୧୯ ସୁପରିଚାଳନା ପାଇଁ ନବରଙ୍ଗପୁରକୁ ଏହି ପୁରସ୍କାର ମିଳିଛି। କୋଭିଡ଼ ପରିଚାଳନା ପାଇଁ ନିଆଯାଇଥିବା ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଜିଲା ପକ୍ଷରୁ ଏଠାରେ ଉପସ୍ଥାପନା କରାଯାଇଥିଲା। କରୋନା ସମୟରେ ଜିଲାରେ ୯ଲକ୍ଷ ଲୋକଙ୍କ ପାଇଁ ଖାଦ୍ୟ ବ୍ୟବସ୍ଥା, ୨୮୯ କ୍ୟାମ୍ପରେ ୨୫ହଜାର ପ୍ରବାସୀଙ୍କୁ ଥଇଥାନ କରାଯାଇଥିଲା। ସେହିଭଳି ଜିଲାର ୧ଲକ୍ଷ ୭୦ହଜାର ଛାତ୍ରଙ୍କୁ ଶୁଖିଲା ଖାଦ୍ୟ ଦିଆଯାଇଥିଲା। ଜିଲାପାଳ ଏହି ସମ୍ମାନକୁ କୋଭିଡ଼ ଯୋଦ୍ଧାଙ୍କୁ ଉତ୍ସର୍ଗ କରିଛନ୍ତି। ପ୍ରକାଶ ଯେ, ସ୍କଚ୍ ଆୱାର୍ଡ ଏକ ସ୍ୱାଧୀନ ସଙ୍ଗଠନ ଦ୍ୱାରା ଦିଆଯାଇଥିବା ଦେଶର ସର୍ବୋଚ୍ଚ ନାଗରିକ ସମ୍ମାନ। ଏହି ପୁରସ୍କାର ଲୋକ, ପ୍ରକଳ୍ପ ଓ ଅନୁଷ୍ଠାନକୁ ଦିଆଯାଏ। ଏହା ଡିଜିଟାଲ, ଆର୍ଥିକ ଓ ସାମାଜିକ ଅନ୍ତର୍ଭୁକ୍ତୀକରଣ କ୍ଷେତ୍ରରେ ସର୍ବୋତ୍ତମ ପ୍ରୟାସକୁ ଅନ୍ତର୍ଭୁକ୍ତ କରେ।

# ସରକାରୀ କର୍ମଚାରୀଙ୍କ ମୃତଦେହ ଉଦ୍ଧାର

ରାୟଗଡ଼ା ଅଫିସ,୩୦।୭:

ରାୟଗଡ଼ା ଟାଉନ୍ ଥାନା ଅଧୀନ ଅରବିନ୍ଦ ନଗରସ୍ଥିତ ଏକ କ୍ୱାର୍ଟର୍ସରୁ ଜଣେ ସରକାରୀ କର୍ମଚାରୀଙ୍କ ରକ୍ତାକ୍ତ ମୃତଦେହ ଉଦ୍ଧାର କରାଯାଇଛି। ମୃତ ବ୍ୟକ୍ତି ହେଲେ ଜଳଛାୟା ବିଭାଗ କାର୍ଯ୍ୟାଳୟର ବରିଷ୍ଠ କିରାଣି ଡି.ଭି.ଏସ୍.ବି. ନେହେରୁ(୫୬)।

ସୂଚନା ଅନୁଯାୟୀ, ନେହେରୁଙ୍କ ନିଜ ଘର ଆନ୍ଧ୍ରପ୍ରଦେଶର ବିଶାଖାପାଟଣାରେ। ୯ ତାରିଖରେ ସେ ବିଶାଖାପାଟଣାରୁ ଆସି ରାୟଗଡ଼ାରେ ପହଞ୍ଚିଥିଲେ। ପରେ ନିଜ ନାମ ପଞ୍ଜୀକରଣ କରାଇ ସେ ହୋମ୍ କ୍ୱାରାଣ୍ଟାଇନ୍‌ରେ ଥିଲେ। ଘରୁ ଦୁର୍ଗନ୍ଧ ଆସିବାରୁ ବୁଧବାର ରାତିରେ ସ୍ଥାନୀୟ ଲୋକେ ଝରକାପଟୁ ଜାଣିବାକୁ ଚେଷ୍ଟା କରିଥିଲେ। ଘରେ ନେହେରୁଙ୍କ ମୃତଦେହ ଦେଖି ପୋଲିସକୁ ଖବର ଦେଇଥିଲେ। ପରିବାର ଲୋକେ ଗୁରୁବାର ରାୟଗଡ଼ାରେ ପହଞ୍ଚିବା ପରେ ପୋଲିସ କବାଟ ଭାଙ୍ଗି ମୃତଦେହ ଉଦ୍ଧାର କରିଛି। ନେହେରୁ ଉଚ୍ଚ ରକ୍ତଚାପ ଏବଂ ମଧୁମେହ ରୋଗରେ ପୀଡ଼ିତ ଥିବା ଜଣାପଡ଼ିଛି। କ୍ୱାର୍ଟର୍ସରେ ସେ ଏକା ରହୁଥିବାବେଳେ ମୁହଁମାଡ଼ି ତଳେ ପଡ଼ିଥିବା ଦେଖିବାକୁ ମିଳିଛି। ମୃତ୍ୟୁର କାରଣ ଅସ୍ପଷ୍ଟ ରହିଥିବାବେଳେ ପୋଲିସ ଘଟଣାର ତଦନ୍ତ ଚଳାଇଥିବା ସୂଚନା ମିଳିଛି। ତେବେ ୨ଦିନ ଧରି ମୃତଦେହ ପଡ଼ିରହିଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ନେହେରୁ ୨୦୧୮ରୁ ରାୟଗଡ଼ାଠାରେ କାର୍ଯ୍ୟ କରୁଥିଲେ।

# ତାରାକୁ ଗାର୍ଡ ଅଫ୍ ଅନର



ଗାର୍ଡ ଅଫ୍ ଅନର ଦିଆଯାଉଛି।

## ନବରଙ୍ଗପୁର ପୋଲିସ ଫୋର୍ସର ସନ୍ଧାନୀ କୁକୁରର ମୃତ୍ୟୁ

ନବରଙ୍ଗପୁର,୩୦।୭(ବି.ପ୍ର.)

ନବରଙ୍ଗପୁର ଜିଲା ପୋଲିସ ଫୋର୍ସରେ କାମ କରୁଥିବା ସନ୍ଧାନୀ କୁକୁର ତାରାର ୧୩ ବର୍ଷ ବୟସରେ ମୃତ୍ୟୁ ହୋଇଯାଇଛି। ଜିଲା ପୋଲିସ ତାରାକୁ ଗାର୍ଡ ଅଫ୍ ଅନର ଦେଇ ତାହାର ଶେଷକୃତ୍ୟ ସମ୍ପନ୍ନ କରିଛି। ନବରଙ୍ଗପୁର ଏସ୍‌ପି ନିତୀନ କୁସଲକରଙ୍କ ଉପସ୍ଥିତିରେ ତାରାକୁ ସମାଧି ଦିଆଯାଇଛି। ନିଜ ୧୧ବର୍ଷ କାର୍ଯ୍ୟକାଳ ଭିତରେ ବହୁତ ବଡ଼ ବଡ଼ କେସ୍ ସମାଧାନ କରାଇବାରେ ତାରା ପୋଲିସକୁ ସାହାଯ୍ୟ କରିଛି।

ତାରା କଟକରେ ଟ୍ରେନିଂ ନେବା ପରେ ୨୦୦୯ରେ ପ୍ରଥମେ କୋରାପୁଟ ଜିଲା ପୋଲିସ ଫୋର୍ସରେ ସାମିଲ ହୋଇଥିଲା। ଏହାପରେ ୨୦୧୮ ଜୁଲାଇରେ ତାରା କୋରାପୁଟରୁ ଆସି ନବରଙ୍ଗପୁର ପୋଲିସ ମୁଖ୍ୟାଳୟରେ ଯୋଗଦେଇଥିଲା। ସେ ନିଜ କାର୍ଯ୍ୟକାଳ ମଧ୍ୟରେ ୫୦ରୁ ଊର୍ଦ୍ଧ୍ୱ ହତ୍ୟା, ଡକାୟତି ଘଟଣାର ସମାଧାନ କରିବାରେ ପୋଲିସକୁ ସାହାଯ୍ୟ କରିଛି। ୨୦୧୩ରେ ବିଶ୍ୱନାଥପୁର ଗ୍ରାମରେ ସ୍ତ୍ରୀଙ୍କୁ ସ୍ୱାମୀ ହତ୍ୟା କରିଥିବା ଘଟଣାରେ ତାରାଙ୍କୁ ସଫଳତା ମିଳିଥିଲା। ୨୦୧୬ରେ ଦାମନଯୋଡିରେ ତନ୍ତ୍ରମନ୍ତ୍ର ପାଇଁ ନାବାଳିକାକୁ ହତ୍ୟା କରାଯାଇଥିଲା। ଏହି ଘଟଣାର ତଦନ୍ତରେ ତାରା ମୁଖ୍ୟ ଭୂମିକା ଗ୍ରହଣ କରି ଅଭିଯୁକ୍ତଙ୍କୁ ଧରାଇଥିଲେ। ତତ୍କାଳୀନ ପୋଲିସ ଅଧିକାରୀ ୨୦୧୭ରେ ତାରାଙ୍କୁ ସମ୍ମାନିତ କରିଥିଲେ। ଏସ୍‌ପି ତାରାର ବିୟୋଗରେ ଦୁଃଖ ପ୍ରକାଶ କରିଛନ୍ତି।

# ହଜିଯାଉଛି ମାନବିକତା ମୃତଦେହକୁ ମିଳୁନି ସମ୍ମାନ

ମାଲକାନଗିରି,୩୦।୭(ସ୍ୱ.ପ୍ର.)

ଦିନକୁ ଦିନ ମଣିଷ ଭିତରୁ ହଜିଯାଉଛି ମାନବିକତା। ମୃତ୍ୟୁ ପରେ ମଧ୍ୟ ମୃତଦେହକୁ ସର୍ବନିମ୍ନ ସମ୍ମାନ ଟିକେ ମିଳିବା କଷ୍ଟକର ହୋଇପଡୁଛି। ଆମ୍ବୁଲାନ୍ସ ସୁବିଧା ଟିକେ ନ ମିଳିବାରୁ ପରିବାର ଲୋକଙ୍କୁ ମୃତଦେହ ଷ୍ଟ୍ରେଚରରେ ବୋହି ନେବାକୁ ପଡ଼ିଛି ଘରକୁ। ଏପରି ଦୁଃଖଦ ପରିସ୍ଥିତି ଦେଖିବାକୁ ମିଳିଛି ମାଲକାନଗିରି ଜିଲା ପଡିଆ ବ୍ଲକ ସଦର ମହକୁମାରେ। ଏହି ବ୍ଲକର ମୁସାକିଗୁଡା ଗ୍ରାମର ଜଣେ ବୃଦ୍ଧ ଅସୁସ୍ଥ ହେବାରୁ ତାଙ୍କୁ ସ୍ଥାନୀୟ ମେଡିକାଲରେ ଭର୍ତ୍ତି କରିଥିଲେ ପରିବାର ଲୋକେ। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ମୃତଦେହ ଗ୍ରାମକୁ ନେବାଲାଗି ଆମ୍ବୁଲାନ୍ସଟିଏ ଯୋଗାଇଦେବାକୁ ପରିବାର ଲୋକେ ମେଡିକାଲ କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଥିଲେ ମଧ୍ୟ ଆମ୍ବୁଲାନ୍ସ ଖରାପ ଥିବା ଦର୍ଶାଇ ଦେଇ ନ ଥିଲେ। ପରିବାର ଲୋକଙ୍କ ଆର୍ଥିକ ଅବସ୍ଥା ଖରାପ ଥିବାରୁ ଗାଡ଼ିଭଡ଼ା କରିପାରି ନ ଥିଲେ। ଶେଷରେ ବାଧହୋଇ ଷ୍ଟ୍ରେଚରରେ ମୃତଦେହକୁ ବୋହି ନେଇଥିଲେ। ତେବେ ଜଣେ ମହିଳା ମୃତଦେହକୁ କାନ୍ଧରେ ବୋହୁଥିବା ବେଳେ ତାଙ୍କ କୋଳରେ ଛୋଟ ଛୁଆଟିକୁ ଧରିଥିଲେ। ଏପରି ଦୃଶ୍ୟକୁ ସମସ୍ତେ ଦେଖୁଥିଲେ ମଧ୍ୟ କେହି ସହଯୋଗର ହାତ ବଢେଇ ନ ଥିଲେ।

# ସେବାୟତଙ୍କୁ ମିଳିବ ସହାୟତା

■ ଜୟପୁର ଦେବୋତ୍ତର କମିଟିର ନିଷ୍ପତ୍ତି
■ ବିଧାୟକ ଦେଲେ ୧ଲକ୍ଷ ଟଙ୍କା

ଜୟପୁର, ୩୦।୭(ଡି.ଏନ.ଏ)

କୋରାପୁଟ ଜିଲା ଜୟପୁର ଦେବୋତ୍ତର ବିଭାଗ ଅଧୀନରେ ଥିବା ବିଭିନ୍ନ ମନ୍ଦିର ସେବାୟତଙ୍କୁ ଦେବୋତ୍ତର ବିଭାଗ ପକ୍ଷରୁ ସହାୟତା ମିଳିବ। ସେହିଭଳି ଜୟପୁର ବିଧାୟକଙ୍କ ତାରା ପ୍ରସାଦ ବାହିନିପତି ସେବାୟତଙ୍କୁ ୧ଲକ୍ଷ ଟଙ୍କା ସହାୟତା ରାଶି ଦେବାକୁ ଘୋଷଣା କରିଛନ୍ତି।

ପ୍ରକାଶ ଯେ, ଲକ୍‌ଡାଉନ ଓ ଶଟ୍‌ଡାଉନ୍ ସମୟରେ ସମସ୍ତ ମନ୍ଦିର ବନ୍ଦ ରହୁଥିବାରୁ ସେବାୟତ ଆର୍ଥିକ ସଙ୍କଟ ଦେଇ ଗତି କରୁଥିଲେ। ସେମାନଙ୍କୁ ସହାୟତା ପ୍ରଦାନ କରା ନ ଗଲେ ବୁଧବାରରୁ ସେବା ବନ୍ଦ କରିବାକୁ ସେବାୟତମାନେ ନିଷ୍ପତ୍ତି ନେଇଥିଲେ। କିନ୍ତୁ ଗତ ମଙ୍ଗଳବାର ଦେବୋତ୍ତର ବିଭାଗ ଉପଦେଷ୍ଟା କମିଟି ପକ୍ଷରୁ ଏକ ଜରୁରୀ ବୈଠକ ଆୟୋଜନ କରାଯାଇଥିଲା। ପଦବୀ ଅନୁଯାୟୀ ଭିନ୍ନ ଭିନ୍ନ ସହାୟତା ରାଶି ପ୍ରଦାନ କରାଯିବାକୁ ନିଷ୍ପତ୍ତି ନିଆଯାଇ ଦେବୋତ୍ତର ଅଧିକାରୀ ତଥା ତହସିଲଦାରଙ୍କୁ ଜିଲାପାଳଙ୍କ ଅନୁମତି ନିମନ୍ତେ ସୁପାରିସ କରାଯାଇଛି। ସେହିଭଳି ବୁଧବାର ସେବାୟତଙ୍କ ପକ୍ଷରୁ ଏକ ବୈଠକ ଆୟୋଜନ କରାଯାଇଥିଲା। ବିଧାୟକ ବାହିନୀପତି ଉପସ୍ଥିତ ଥିଲେ। ସେଠାରେ ବିଧାୟକ ୧ ଲକ୍ଷ ଟଙ୍କା ସହାୟତା ପ୍ରଦାନ କରିବାକୁ ଘୋଷଣା କରିଛନ୍ତି। ସେହିପରି ଦେବୋତ୍ତର ବିଭାଗ ମନ୍ତ୍ରୀଙ୍କୁ ଅନୁରୋଧ କରି କିଛି ସହାୟତା ରାଶି ପ୍ରଦାନ କରାଇବେ ବୋଲି ବିଧାୟକ ପ୍ରତିଶ୍ରୁତି ଦେଇଛନ୍ତି। ଦେବୋତ୍ତର ବିଭାଗ ପକ୍ଷରୁ ସହରାଞ୍ଚଳ ମନ୍ଦିର ପୂଜାରୀ, ପତ୍ରୀଙ୍କୁ ୧୫୦୦, ଗ୍ରାମାଞ୍ଚଳ ପୂଜାରୀ ୧ହଜାର, ଗୌଡ଼ଙ୍କୁ ୮୦୦, ପାଇକଙ୍କୁ ୫୦୦ ଟଙ୍କା ଲେଖାଏ ଦିଆଯିବ ବୋଲି ସୂଚନା ମିଳିଛି।

# କୋଭିଡ୍ ସେବାକେନ୍ଦ୍ର ପରିଦର୍ଶନ କଲେ ଉପଜିଲାପାଳ

ଗୁଣପୁର,୩୦।୭(ଡି.ଏନ୍.ଏ.)

ରାୟଗଡା ଜିଲା ଗୁଣପୁର ଉପଜିଲାପାଳ ଡ.ସିଦ୍ଧେଶ୍ୱର ବଳିରାମ ବନ୍ଦର ଗୁରୁବାର ବିକ୍ରମପୁରସ୍ଥିତ କୋଭିଡ ସେବାକେନ୍ଦ୍ର ପରିଦର୍ଶନ କରିଥିଲେ। ଏକଲବ୍ୟ ଆବାସିକ ମଡେଲ ବିଦ୍ୟାଳୟରେ ୩୦୮ ଶଯ୍ୟା ବିଶିଷ୍ଟ ଏହି କୋଭିଡ ସେବାକେନ୍ଦ୍ରର ୩ ୱାର୍ଡରେ ଗିଜର, ଆକ୍ୱାଗାର୍ଡ, ଏଲ୍‌ଇଡି ଟିଭି ସହ ସମସ୍ତ ଆସବାବ ପତ୍ର ତୁରନ୍ତ ଲଗାଇବାକୁ ପୌର ନିର୍ବାହୀ ଅଧିକାରୀ ଉମା ପ୍ରସାଦ ଦାସ ଏବଂ ଭାରପ୍ରାପ୍ତ ସହକାରୀ ଜିଲା ମଙ୍ଗଳ ଅଧିକାରୀ ଏ.ଶ୍ରୀନିବା ସଆଚାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେବା କେନ୍ଦ୍ରରେ ଥିବା ପ୍ରତ୍ୟେକ ୱାର୍ଡ ପାଇଁ ଦୁଇ ଜଣ ହିସାବରେ ସଫେଇ କର୍ମଚାରୀଙ୍କୁ ନିୟୋଜିତ କରିବା ପାଇଁ ସେ କହିଥିଲେ। ଅନ୍ତେବାସୀଙ୍କ ଯେପରି କିଛି ଅସୁବିଧା ନ ହୁଏ ସେଥିପ୍ରତି ଦୃଷ୍ଟି ଦେବାକୁ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏଥି ସହ କେନ୍ଦ୍ରରେ ଆଲୋକୀକରଣ, ଜେନେରେଟର, ସିସିଟିଭି ବ୍ୟବସ୍ଥା କରିବାକୁ ମଧ୍ୟ ଉପଜିଲାପାଳ ଗୁରୁତ୍ୱାରୋପ କରିଥିଲେ।




ଉପଜିଲାପାଳ ଅଧିକାରୀଙ୍କ ସହ ଆଲୋଚନା କରୁଛନ୍ତି।

# ପାହାଡ଼, ପାର୍କରେ ହେବ ଆଦିବାସୀ ଚିତ୍ରକଳା

ନବରଙ୍ଗପୁର,୩୦।୭ (ବି.ପ୍ର.)

ହିର୍ଲି ଡଙ୍ଗରୀ ବିକାଶ କମିଟି ପକ୍ଷରୁ ଏକ ବୈଠକ ପଞ୍ଚବଟୀ ବନ ପରିସରରେ ଜିଲାପାଳ ଅଜିତ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ହିର୍ଲି ପାହାଡ଼ର ସୌନ୍ଦର୍ଯ୍ୟକରଣ, ବିକାଶ ପାଇଁ କ'ଣ ସବୁ ପଦକ୍ଷେପ ନିଆଯାଉଛି ଓ ତାହା କିପରି କାର୍ଯ୍ୟକାରୀ କରୁଛି ସେ ନେଇ ଏଥିରେ ଆଲୋଚନା ହୋଇଥିଲା। ପାହାଡ଼ରେ ଆବଶ୍ୟକୀୟ ଚାରାରୋପଣ କରାଯିବ। ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ପାଇଁ ହିର୍ଲି ଡଙ୍ଗରୀ ପାର୍କରେ ଆଦିବାସୀ ଚିତ୍ରକଳା, ପାହାଡ ଶିଖରରେ ଥିବା ଭେଙ୍କଟେଶ୍ୱର ମନ୍ଦିର ଉନ୍ନତୀକରଣ, ଟଏଲେଟ ସ୍ଥାପନ, ସ୍ୱେଚ୍ଛାସେବୀ ଦଳ ପକ୍ଷରୁ ଏହାର ପରିଚାଳନା ସମ୍ପର୍କରେ ଆଲୋଚନା କରାଯାଇଥିଲା। ସମ୍ପୃକ୍ତ ବିଭାଗର ପଦାଧିକାରୀମାନେ ସେମାନଙ୍କ କାର୍ଯ୍ୟ ତୁରନ୍ତ ଶେଷ କରିବାକୁ ଜିଲାପାଳ ପରାମର୍ଶ ଦେଇଥିଲେ। ବୈଠକରେ ଏସ୍‌ପି ନୀତିନ କୁସାଲକର, ବନଖଣ୍ଡ ଅଧିକାରୀ ମଗର ଧନଜୀ ରାଓସ, ଡିଆର୍‌ଡିଏ ପିଡି ରମାକାନ୍ତ ନାୟକ, ଜଳଛାୟା ପିଡି ପ୍ରଦୀପ କୁମାର ନାୟକ, ରାସ୍ତା ଓ ଗୃହ ନିର୍ମାଣ ବିଭାଗ ନିର୍ବାହୀ ଯନ୍ତ୍ରୀ ପ୍ରଫୁଲ୍ଲ କୁମାର ମିଶ୍ର ବିଡିଓ ଲଳିତ ମଣ୍ଡଳ, ତହସିଲଦାର ରବୀନ୍ଦ୍ର ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

# ଜିଲାପାଳଙ୍କୁ ଦାବି ଜଣାଇଲା ମଜଦୁର ସଂଘ

ରାୟଗଡ଼ା ଅଫିସ,୩୦।୭:




ମଜଦୁର ସଂଘ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

ଭାରତୀୟ ମଜଦୁର ସଂଘ ପକ୍ଷରୁ ଜୁଲାଇ ୨୪ରୁ ସରକାର ଜଗାଓ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିବାବେଳେ ଗୁରୁବାର ଏହା ଶେଷ ହୋଇଛି। ସପ୍ତାହବ୍ୟାପୀ ରାଜ୍ୟ ରାଜଧାନୀଠାରୁ ଆରମ୍ଭକରି ସମସ୍ତ ଜିଲା ଓ ବ୍ଲକ୍ ମୁଖ୍ୟାଳୟରେ ଆନ୍ଦୋଳନାତ୍ମକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ସଂଘର ରାଷ୍ଟ୍ରୀୟ ସଭାପତି ସି.କେ. ସାରଜୀ ନାରାୟଣ ଓ ସମ୍ପାଦକ ବ୍ରିଜେଶ ଉପାଧ୍ୟାୟଙ୍କ ଉପସ୍ଥିତିରେ ହୋଇଥିବା ନିଷ୍ପତ୍ତି ଅନୁଯାୟୀ, ୫ଦଫା ଦାବି ନେଇ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରବାସୀ ଶ୍ରମିକଙ୍କୁ କର୍ମନିଯୁକ୍ତି ତଥା ଥଇଥାନ କରିବା, ଲକ୍‌ଡାଉନ ସମୟରେ ଶ୍ରମିକମାନଙ୍କ ବକେୟା ଦରମା, ଭତ୍ତା ଓ ଅନ୍ୟାନ୍ୟ ସୁବିଧା ପ୍ରଦାନ, ବେରୋଜଗାର ସମସ୍ୟାର ସମାଧାନ, ଅପ୍ରତ୍ୟାଶିତ ଭାବେ କେତେକ ରାଜ୍ୟରେ ହୋଇଥିବା ଦୈନିକ ଶ୍ରମ ନିର୍ଘଣ୍ଟ ବୃଦ୍ଧି ପ୍ରତ୍ୟାହାର, ସାର୍ବଜନୀନ ଉପକ୍ରମକୁ ଘରୋଇକରଣ କରିବା, ପ୍ରତିରକ୍ଷା ଓ ରେଳ ବିଭାଗ ଭଳି ମହତ୍ତ୍ୱପୂର୍ଣ୍ଣ ଉପକ୍ରମକୁ ନିଗମୀକରଣ ବନ୍ଦ କରିବା, ରାୟଗଡ଼ା ଜିଲାରେ କର୍ଯ୍ୟରତ ଅଙ୍ଗନୱାଡି କର୍ମୀ, ଆଶାସାଥୀ, ଆଶାକର୍ମୀ, ସ୍ୱାସ୍ଥ୍ୟ ବିଭାଗରେ ସଫେଇ କର୍ମଚାରୀ, ରେଳ ବିଭଗରେ କାର୍ଯ୍ୟରତ ଠିକା ସଫେଇ କର୍ମଚାରୀ ଏବଂ ଜିଲାରେ ବିଭିନ୍ନ କଳ କାରଖାନାରେ କାର୍ଯ୍ୟରତ ଠିକା ଶ୍ରମିକମାନଙ୍କୁ ବକେୟା ଦରମା ପ୍ରଦାନ, ପ୍ରୋତ୍ସାହନ ଭତ୍ତା ସହ କୋଭିଡ୍ ସୁରକ୍ଷା ଦାବିକରି ସଂଘର ରାଜ୍ୟ ସମ୍ପାଦକ ତଥା ରାୟଗଡ଼ା ଜିଲା ସଭାପତି ଯୋଗେଶ୍ୱର ଦାଶ, ଜିଲା ସମ୍ପାଦକ ଖଗେଶ୍ୱର ସିଂଙ୍କ ନେତୃତ୍ୱରେ ଏହି ସପ୍ତାହବ୍ୟାପୀ ଆନ୍ଦୋଳନ ଜିଲାର ବିଭିନ୍ନ ବ୍ଲକ୍‌ଠାରୁ ଆରମ୍ଭକରି ମୁଖ୍ୟ ସରକାରୀ କାର୍ଯ୍ୟାଳୟ, ବିଭିନ୍ନ କମ୍ପାନୀ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ ସହ ସରକାର ଜଗାଓ ଆନ୍ଦୋଳନ କରାଯାଇଥିଲା। ଶେଷ ଦିନରେ ସଂଘ ସହ ସଂଲଗ୍ନ ବିଭିନ୍ନ ମଜଦୁର ସଂଘର ପ୍ରତିନିଧି ଅରୁଣ କୁମାର ଲେଙ୍କା, ଜୟନ୍ତୀ ପଦ୍ମାଳୟା ସାହୁ, ଉଷାରାଣୀ ଦାସ, ମୋହନ ରାଓ ମାଝି, କିଶୋର କୁମାର ବାଗ ପ୍ରମୁଖ ସାମିଲ ଥିଲେ। ଏଥିସହ ସଂଘ ପକ୍ଷରୁ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ରାୟଗଡ଼ା ଜିଲାପାଳଙ୍କୁ ପ୍ରଦାନ କରାଯାଇଛି।

# ୫୦୦ ଟପିଲା କରୋନା ପଜିଟିଭ

ମାଲକାନଗିରି/କାଲିମେଲା ୩୦।୭ (ଡି.ଏନ୍.ଏ.)

ମାଲକାନଗିରି ଜିଲାରେ କରୋନା ରୋଗୀଙ୍କ ସଂଖ୍ୟା ଦିନକୁ ଦିନ ବୃଦ୍ଧିପାଉଛି। ଗୁରୁବାର ଗୋଟିଏ ଦିନରେ ୬୫ ଚିହ୍ନଟ ହୋଇଥିବା ଜିଲା ପ୍ରଶାସନ ପକ୍ଷରୁ କୁହାଯାଇଛି। ତେବେ ଏପର୍ଯ୍ୟନ୍ତ ଚିତ୍ରକୋଣ୍ଡା ବ୍ଲକରେ ଜଣେ ମଧ୍ୟ କରୋନା ରୋଗୀ ଚିହ୍ନଟ ହୋଇ ନ ଥିବା ବେଳେ ଗୁରୁବାର ୬ ଜଣ ଚିହ୍ନଟ ହୋଇଛନ୍ତି। ଗୁରୁବାରର ଚିହ୍ନଟଙ୍କୁ ମିଶାଇଲେ ମାଲକାନଗିରି ଜିଲାରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୫୧୦ରେ ପହଞ୍ଚିଛି। ଏଥିରୁ ମାଲକାନଗିରି ପୌର ପରିଷଦର ୩୫ ଜଣ, ମାଥିଲି ବ୍ଲକର ୧୪, ବାଲିମେଳା ବିଜ୍ଞାପିତ ଅଞ୍ଚଳ ପରିଷଦର ୫ ଜଣ, ଖଇରପୁଟ ବ୍ଲକର ୨ ଜଣ, କାଲିମେଳା ବ୍ଲକର ୩ ଜଣ ଓ ଚିତ୍ରକୋଣ୍ଡା ବ୍ଲକର ୬ ଜଣ ରହିଛନ୍ତି। ଗୁରୁବାର ସୁଦ୍ଧା ଚିହ୍ନଟ ହୋଇଥିବା ବ୍ୟକ୍ତିଙ୍କ ମଧ୍ୟରୁ ୩୩୦ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। କରୋନାରେ ୨ ଜଣଙ୍କ ମୃତ୍ୟୁ ଘଟିଛି। ୧୭୮ ଜଣ କୋଭିଡ୍-୧୯ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି। ପରିସ୍ଥିତିକୁ ଦୃଷ୍ଟିରେ ରଖି ଗୁରୁବାର ରାତି ୯ଟାରୁ ଅଗଷ୍ଟ ୨ ରାତି ୧୨ ପର୍ଯ୍ୟନ୍ତ ମାଲକାନଗିରି ପୌର ପରିଷଦ ଓ ବାଲିମେଳା ବିଜ୍ଞାପିତ ଅଞ୍ଚଳ ପରିଷଦକୁ ଶଟ୍‌ଡାଉନ ଘୋଷଣା କରାଯାଇଛି। କେହି ଯଦି କୋଭିଡ-୧୯ ନିୟମକୁ ଉଲ୍ଲଂଘନ କରନ୍ତି ତାଙ୍କ ବିରୋଧରେ କଡାକାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଅତ୍ୟାବଶ୍ୟକ ପଡ଼ିଲେ ମାସ୍କ ପରିଧାନକରି ଓ କୋଭିଡ୍ ନିୟମ ପାଳନକରି ବାହାରକୁ ଯାଇପାରିବେ। ଯଦି କେହି ନିୟମ ଉଲ୍ଲଂଘନ କରନ୍ତି ତାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲାପାଳ ମନୀଷ ଅଗ୍ରୱାଲ କହିଛନ୍ତି। ସମସ୍ତେ ମାସ୍କ ପରିଧାନ କରନ୍ତୁ, ସାମାଜିକ ଦୂରତା ରକ୍ଷା କରନ୍ତୁ, ଅତ୍ୟାବଶ୍ୟକ ନ ପଡିଲେ ଘରୁ ନ ବାହାରିବାକୁ ଜିଲାପାଳ ପରାମର୍ଶ ଦେଇଛନ୍ତି। ସୂଚନାଯୋଗ୍ୟ ଯେ, ଏହାକୁ ମିଶାଇ କାଲିମେଳା ବ୍ଲକରୁ ୩୭ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହେଲେଣି। ଆକ୍ରାନ୍ତଙ୍କ ମଧ୍ୟରେ ଏମଭି-୯୦ ଅଞ୍ଚଳର ଜଣେ ଶିକ୍ଷକ ରହିଛନ୍ତି। ପଜିଟିଭ ବାହାରିଥିବା ଶିକ୍ଷକ ଜଣଙ୍କ ଅନ୍ୟ ଜଣେ ଶିକ୍ଷକଙ୍କୁ ନେଇ ଗତ ୪ ଦିନତଳେ ଆନ୍ଧ୍ରର ବିଶାଖାପାଟଣା ମେଡିକାଲକୁ ଯାଇଥିଲେ। ସେଠାରୁ ଫେରିବା ପରେ ତାଙ୍କୁ ଥଣ୍ଡା ଜ୍ୱର ହୋଇଥିଲା ସେ ମେଡିକାଲ ଆସି ଚିକିତ୍ସିତ ହେବାବେଳେ ଡାକ୍ତର ତାଙ୍କୁ କରୋନା ପରୀକ୍ଷା କରିବାକୁ ପରାମର୍ଶ ଦେଇଥିଲେ।

# ବୋର୍ଡ ପରୀକ୍ଷାରେ ସଫଳତା ପାଇଁ ସମ୍ବର୍ଦ୍ଧିତ ହେଲେ ଗୋପାଳ

ବୈପାରିଗୁଡା,୩୦।୭(ଡି.ଏନ୍.ଏ)

ଚଳିତ ବର୍ଷ ମାଟ୍ରିକ୍ ପରୀକ୍ଷାରେ ବୈପାରୀଗୁଡା ବ୍ଲକରେ ଶ୍ରେଷ୍ଠ ସ୍ଥାନ ଅଧିକାର କରିଥିବା ରାମଗିରି ଗୋପାଳ ହାଇସ୍କୁଲର ଛାତ୍ର ମୁକୁନ୍ଦ ମହରିଆଙ୍କୁ ବୈପାରୀଗୁଡା ଫ୍ରେଣ୍ଡସ ୟୁନିଟ୍ କ୍ଲବ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ଗୁରୁବାର ସଙ୍ଗଠନର ଭୀମସେନ ହରିଜନ,ନରେଶ ମାତଲିଆ ଓ ପୂର୍ଣ୍ଣଚନ୍ଦ୍ର ବାରିକ ଗୋପାଳଙ୍କ ରାମଗିରିସ୍ଥିତ ଘରକୁ ଯାଇ ତାଙ୍କୁ ପ୍ରଶଂସା କରିବା ସହ ସଫଳତା ପାଇଁ ସମ୍ବର୍ଦ୍ଧିତ କରିଥିଲେ। ଗୋପାଳଙ୍କ ପରିବାରର ଆର୍ଥିକ ଅବସ୍ଥା ଭଲନାହିଁ। ପ୍ରତିକୂଳ ପରିସ୍ଥିତିର ମୁକାବିଲା କରି ସେ ଚଳିତ ବର୍ଷ ମାଟ୍ରିକ ପରୀକ୍ଷାରେ ଶତକଡା ୭୨.୧୬ ପ୍ରତିଶତ ମାର୍କ ରଖି ବ୍ଲକ ଟପ୍ପର ହୋଇ ଅନ୍ୟମାନଙ୍କ ପାଇଁ ପ୍ରେରଣା ପାଲଟିଛନ୍ତି।

